# NATIONAL NEWS BULLETIN (ODIA)

**12 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ହଟ୍ଟଗୋଳ ପରେ ଅପରାହ୍ନ ୨ଟା ଯାଏଁ ରାଜ୍ୟସଭା ମୁଲତବୀ ।

- ଖୁବ୍‌ଶୀଘ୍ର ସାରା ଦେଶରେ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଆରମ୍ଭ ହେବ ନଗଦ ବିହିନ ଚିକିତ୍ସା ଯୋଜନା ।

- ରାଜସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ଼ ଓ ଘରୋଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା; ଜଣେ ଟ୍ରାଫିକ ପୋଲିସ ସବ୍-ଇନ୍ସପେକ୍ଟର ମୃତ ।

- ଚାରିଦିନିଆ ଭାରତ ଗସ୍ତରେ ଆସି ପହଁଞ୍ଚିଲେ ପର୍ତ୍ତୁଗାଲର ବୈଦେଶିକ ବ୍ୟାପାର ମନ୍ତ୍ରୀ ପାଓଲୋ ରାଙ୍ଗେଲ ।

ଏବଂ

- ମହିଳା ଜୁନିୟର୍ ଏସିଆକପ୍ ହକିରେ ଆଜି ଭାରତ-ଥାଇଲାଣ୍ଡ ମଧ୍ୟରେ ମୁକାବିଲା ।

# ଆରଏସ୍- ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ହଟ୍ଟଗୋଳ ପରେ ରାଜ୍ୟସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ଆଜି ସକାଳେ ଗୃହ ଆରମ୍ଭ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ନୋଟିସକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାକୁ ବିରୋଧ କରି ବିରୋଧୀ ଦଳମାନେ ଗୃହରେ ସ୍ଲୋଗାନ ଦେଇଥିଲେ। ଗୃହର ନେତା ଜେପି ନଡ୍ଡା କହିଛନ୍ତି, ଗ୍ରହଣୀୟତା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରାଯାଇପାରିବ ନାହିଁ ଏବଂ ଅଧ୍ୟକ୍ଷଙ୍କ ରାୟ ଉପରେ ପ୍ରଶ୍ନ କିମ୍ବା ସମାଲୋଚନା କରାଯାଇପାରିବ ନାହିଁ। ଏକ ସାମ୍ବାଦିକ ସମ୍ମିଳନୀ କରି ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିଥିବାରୁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ସେ ସମାଲୋଚନା କରିବା ସହ ଏହା ନିନ୍ଦନୀୟ ବୋଲି କହିଛନ୍ତି। ଏହାକୁ ସେ ଗୃହ ଓ ଅଧ୍ୟକ୍ଷଙ୍କ ଅବମାନନା ବୋଲି କହିଛନ୍ତି। କଂଗ୍ରେସ ଦଳ ଅଧ୍ୟକ୍ଷ ପଦକୁ ଅପମାନିତ କରିବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ଦଳର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲ ପକ୍ଷରୁ ଅଧ୍ୟକ୍ଷଙ୍କ ଉପରେ ଅପମାନଜନକ ପୋଷ୍ଟ କରାଯାଇଥିବା ନେଇ ଶ୍ରୀ ନଡ୍ଡା ତୀବ୍ର ଆପତ୍ତି ଉଠାଇଛନ୍ତି। ସଂସଦୀୟ କାର୍ଯ୍ୟ ପ୍ରତି କଂଗ୍ରେସର କୌଣସି ସମ୍ମାନ ନାହିଁ ଏବଂ କଂଗ୍ରେସ ନେତା ଓ ଆମେରିକୀୟ ବ୍ୟବସାୟୀ ଜର୍ଜ ସୋରୋସ୍‌ଙ୍କ ମଧ୍ୟରେ ଥିବା ସମ୍ପର୍କରୁ ଧ୍ୟାନ ହଟାଇବାକୁ ଏସବୁ କରାଯାଉଛି ବୋଲି ଶ୍ରୀ ନଡ୍ଡା

ଅଭିଯୋଗ କରିଛନ୍ତି। ବିରୋଧୀ ସଦସ୍ୟଙ୍କ ଆଚରଣକୁ ନେଇ ସେ ମଧ୍ୟ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଅଭିଯୋଗ କରିଛନ୍ତି ଯେ ଟ୍ରେଜେରି ବେଞ୍ଚ ଗୃହର ଦୃଷ୍ଟି ହଟାଇବାକୁ ଚେଷ୍ଟା କରୁଛନ୍ତି। ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଜାରି ରହିବାରୁ ଅଧ୍ୟକ୍ଷ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ଓପୋଜିସନ୍ ପ୍ରୋଟେଷ୍ଟ

ଏକ ପ୍ରମୁଖ ଭାରତୀୟ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗକୁ ନେଇ ବିରୋଧୀ ଦଳି ସାଂସଦମାନେ ଆଜି ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି ଗଠନ କରିବା ଲାଗି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ କଂଗ୍ରେସ, ବାମପନ୍ଥୀ ଓ ଅନ୍ୟ ଦଳ ଗୁଡ଼ିକ ସାମିଲ ହୋଇଥିଲେ।

## ଏଲ୍‌ଏସ୍- ରୋଡ୍ ଆକ୍ସିଡେଣ୍ଟ

ଖୁବଶୀଘ୍ର ସାରା ଦେଶରେ ଦୁର୍ଘଟଣାପୀଡିତଙ୍କ ନଗଦ ବିହିନ ଚିକିତ୍ସା ଯୋଜନା ଆରମ୍ଭ କରାଯିବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ଲୋକସଭାରେ ପ୍ରଶ୍ନକାଳରେ ଏହା କହିଛନ୍ତି। ୬ଟି ରାଜ୍ୟରେ ପ୍ରଚଳିତ ଏହି ଯୋଜନା ଖୁବ୍ ଶୀଘ୍ର ଉତ୍ତର ପ୍ରଦେଶ ଏବଂ ପରେ ଦେଶର ବାକି ଅଞ୍ଚଳରେ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ଯୋଜନା ଦ୍ୱାରା ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନେ

ହସ୍ପିଟାଲରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ବିହିନ ଚିକିତ୍ସା ପାଇପାରିବେ। ରାଜପଥରେ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରି ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରେ ଦୁର୍ଘଟଣା ନିବାରଣ କମିଟି ଗଠନ କରି ଏଭଳି ସଡ଼କ ଦୁର୍ଘଟଣାର କାରଣ ଖୋଜିବା ପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ଉତ୍ତରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଛି। ସହର ଗୁଡ଼ିକ ମଧ୍ୟରେ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଜୟପୁରରେ ସର୍ବାଧିକ ଦୁର୍ଘଟଣା ଘଟିଛି। ସଡ଼କ ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୩୦ ପ୍ରତିଶତଙ୍କର ପ୍ରାରମ୍ଭିକ ଚିକିତ୍ସାରେ ବିଳମ୍ବ ହେତୁ ମୃତ୍ୟୁ ଘଟୁଛି ବୋଲି ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି। ସେ କହିଛନ୍ତି, ନଗଦ ବିହିନ ଚିକିତ୍ସା ଯୋଜନାରେ ୬ଟି ରାଜ୍ୟରେ ୨ ହଜାର ୧୦୦ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି।

## ପିଏମ୍-ଜଳଜୀବନ

ଜଳ ଜୀବନ ମିଶନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଯୋଜନା ବିଶେଷ କରି ଗ୍ରାମାଞ୍ଚଳରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ହାତ ପାହାନ୍ତାରେ ସ୍ୱଚ୍ଛ ପାଣି ରହିଲେ ମହିଳାମାନେ ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା ଉପରେ ଧ୍ୟାନ ଦେଇପାରିବେ ।

## ପଞ୍ଜାବ ସ୍କୁଲ୍ସ

ପଞ୍ଜାବରେ ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଡ. ବଲଜିତ କୌର କହିଛନ୍ତି, ଗୋଟିଏ କୋଠରୀରେ ଚାଲୁଥିବା ପ୍ଲେ' ୱ୍ୱେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯିବ ଏବଂ ରାଜ୍ୟରେ ୩ରୁ ୬ ବର୍ଷ ବୟସର ପିଲାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ। ମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି, ସିସିଟିଭି କ୍ୟାମେରା ବ୍ୟତୀତ ଏଭଳି ସ୍କୁଲଗୁଡ଼ିକରେ ଖେଳ ପଡ଼ିଆ ରହିବା ବାଧ୍ୟତାମୂଳକ, ଯାହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ପ୍ରାରମ୍ଭିକ ଶିଶୁ ବିକାଶ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ।

ଡାକ୍ତର କୌର କହିଛନ୍ତି, ପ୍ଲେ-ୱ୍ୱେ ସ୍କୁଲ ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ ନିମନ୍ତେ ନୂଆ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

## ରାଜସ୍ଥାନ ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରର ଜଗତପୁରା ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ କାର୍କେଡର ଦୁଇଟି ଗାଡ଼ି ଓ ଏକ ଘରୋଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଟ୍ରାଫିକ୍ ପୁଲିସର ଜଣେ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଶ୍ରୀ ଶର୍ମା ଲଘୁ ଉଦ୍ୟୋଗ ଭାରତୀର ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ ଯେଉଁଥିରେ ଉପାଧ୍ୟକ୍ଷ ଜଗଦୀପ ଧନଖଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଗତପୁରା

ରାସ୍ତାର ଅକ୍ଷୟ ପାତ୍ର ଛକ ନିକଟରେ ଏହି ଧକ୍କାରେ ୫ ଜଣ ପୁଲିସ କର୍ମଚାରୀ ଓ ଅନ୍ୟ ୨ ଜଣ ଆହତ ହୋଇଥିଲେ।

ମୁଖ୍ୟମନ୍ତ୍ରୀ ଅଟକି ଜଣେ ଗୁରୁତର ବ୍ୟକ୍ତିଙ୍କୁ ତାଙ୍କ କାର୍‌ରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ଅନ୍ୟ ଆହତମାନଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ। ପରେ ସେ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ.ଏସ୍.ଆଇଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଶର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି।

ଏହି ଘଟଣାରେ ରାମନଗରିଆ ଥାନାରେ ଏକ ମାମଲା ରୁଜୁ ହୋଇଛି ଓ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ପର୍ତ୍ତୁଗାଲ ଏଫ୍‌ଏମ୍ ଭିଜିଟ୍

ପର୍ତ୍ତୁଗାଲର ବୈଦେଶିକ ବ୍ୟାପାର ମନ୍ତ୍ରୀ ପାଓଲୋ ରଙ୍ଗେଲ୍ ୪ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏହା ସରକାରୀ ଭାବେ ତାଙ୍କର ପ୍ରଥମ ଭାରତ ଗସ୍ତ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ’ ଶ୍ରୀ ରଙ୍ଗେଲଙ୍କୁ ସ୍ୱାଗତ କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି ଗସ୍ତ ଉଭୟ ଦେଶର ବହୁମୁଖୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆସନ୍ତାବର୍ଷ ୫୦ ବର୍ଷ ପୂରଣ ହେବ।

ଆସନ୍ତାକାଲି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ମନ୍ତ୍ରୀ ଶ୍ରୀ ରଙ୍ଗେଲ୍ ବୈଠକ କରିବେ।

## ଶ୍ରୀଲଙ୍କା- ନୋ କନଫିଡେନ୍ସ ମୋସନ

ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ଦଳ ସାମଗି ଜନ ବାଲାଓ୍ୱେଗୟା' ବାଚସ୍ପତି ଅଶୋକ ରଣଓ୍ୱାଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିବାର ସମ୍ଭାବନା ରହିଛି। ଏସ୍.ଜେ.ବି ସାଂସଦ ଅଜିଥ ପି ପେରେରା ଏକ ସ୍ଥାନୀୟ ଖବରକାଗଜକୁ କହିଛନ୍ତି, ଏସ.ଜେ.ବି ସଂସଦୀୟ ଗୋଷ୍ଠୀ ଆଜି ଏହି ପ୍ରସଙ୍ଗରେ ବୈଠକ ଡାକିବ। ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଅନ୍ୟତମ ବିକଳ୍ପ ବୋଲି ସେ କହିଛନ୍ତି।

ବାଚସ୍ପତି ରଣଓ୍ୱାଲା ଏକ ନକଲି ଡକ୍ଟରେଟ୍ ଟାଇଟଲ ବ୍ୟବହାର କରିଥିବା ଅଭିଯୋଗ ଆସିବା ପରେ ତାଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି, ସେ ଖୁବ୍ ଶୀଘ୍ର ଏ ସମ୍ପର୍କରେ ବୟାନ ଦେବେ।

## ମହିଳା ହକି

ମହିଳା ଜୁନିୟର୍ ଏସିଆ କପ୍ ହକିରେ ଆଜି ମସ୍କଟ୍‌ରେ ଚତୁର୍ଥ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପୁଲ୍-ଏ'ରେ ଭାରତ-ଥାଇଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ। ସେହିପରି ପୁଲ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ମାଲେସିଆ ଏବଂ ଚୀନ୍ ମଧ୍ୟରେ ଅପରାହ୍ନ ୪ଟା ୪୫ ମିନିଟ୍‌ରେ ମୁକାବିଲା ହେବ।

ପଏଣ୍ଟ ତାଲିକାରେ ଚୀନ୍ ୯ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ୬ ପଏଣ୍ଟ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଆସନ୍ତା ଶନିବାର ଦିନ ସେମିଫାଇନାଲ୍ ଏବଂ ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## ବ୍ୟାଡମିଣ୍ଟନ

ଚୀନ୍‌ର ହାଙ୍ଗ୍‌ଜୌରେ ଚାଲିଥିବା ବ୍ୟାଡମିଣ୍ଟନ ୱାର୍ଲଡ ଟୁର୍ ଫାଇନାଲରେ ଭାରତୀୟ ମହିଳା ଯୁଗଳ ଯୋଡ଼ି ତ୍ରିସା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ' ମାଲେସିଆର ପର୍ଲି ଟାନ୍ ଓ ଥିନାହ ମୁରଲୀଧରନଙ୍କୁ ପରାସ୍ତ କରି ଗ୍ରୁପ୍ ପର୍ଯ୍ୟାୟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜି ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ମାଲେସିଆକୁ ୨୧-୧୯, ୨୧-୧୯ରେ ପରାସ୍ତ କରିଛନ୍ତି।

ଗତକାଲି ଗ୍ରୁପ୍ 'ଏ'ର ପ୍ରଥମ ମ୍ୟାଚ୍‌ରେ ଏହି ଯୋଡ଼ି ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍ ଯୋଡ଼ି ଲିଉ ଶେଙ୍ଗଶୁ ଓ ଟାନ୍ ନିଙ୍ଗ୍‌ଙ୍କ ଠାରୁ ୨୨-୨୦, ୨୦-୨୨, ୧୪-୨୧ରେ ପରାସ୍ତ ହୋଇଥିଲେ।

## ଫିଫା ୱାର୍ଲ୍ଡକପ୍

ସାଉଦିଆରବ ୨୦୩୪ ପୁରୁଷ ଫୁଟବଲ ବିଶ୍ୱକପ୍ ଆୟୋଜନ କରିବ ବୋଲି ଆନ୍ତର୍ଜାତିକ ଫୁଟବଲ ମହାସଂଘ ଘୋଷଣା କରିଛି । ଏଥିସହିତ ସ୍ପେନ୍, ପର୍ତ୍ତୁଗାଲ ଏବଂ ମରକ୍କୋ ମିଳିତ ଭାବେ ୨୦୩୦ ପ୍ରତିଯୋଗିତା ଆୟୋଜନ କରିବେ । ଗତକାଲି ଫିଫାର ବୈଠକରେ ଆୟୋଜକ ଦେଶ ଗୁଡ଼ିକ ଏହା ନିଶ୍ଚିତ କରିଛନ୍ତି । ଆଭାସି ଜରିଆରେ ଅନୁଷ୍ଠିତ ବୈଠକରେ ଫିଫାର ସମସ୍ତ ୨୧୧ଟି ସଦସ୍ୟ ଦେଶର ପ୍ରତିନିଧି

ଯୋଗ ଦେଇଥିଲେ । ବିଶ୍ୱକପ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୦ ପ୍ରତିଯୋଗିତାରେ ତିନୋଟି ମ୍ୟାଚ୍ ଆର୍ଜେଣ୍ଟିନା, ପାରାଗୁଏ ଏବଂ ଉରୁଗୁଏରେ ଅନୁଷ୍ଠିତ ହେବ । ଉଭୟ ପ୍ରତିଯୋଗିତା ଏବଂ ୨୦୩୦ ଶତବାର୍ଷିକୀ ସମାରୋହ ଲାଗି ଅଲଗା ଅଲଗା ଭୋଟିଂ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ଉରୁଗୁଏ, ପାରାଗୁଏ ଖଏବଂ ଆର୍ଜେଣ୍ଟିନା ଶତବାର୍ଷିକୀ ଆୟୋଜକ ଭାବେ ଚୟନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସ୍ପେନ୍, ପର୍ତ୍ତୁଗାଲ ଓ ମରକ୍କୋକୁ ୨୦୩୦ ଆୟୋଜକ ଭାବେ ମନୋନୀତ କରାଯାଇଥିଲା । ଏଥିରେ ୨୦୩୪ ପ୍ରତିଯୋଗିତା ପାଇଁ ସାଉଦି ଆରବକୁ ପୁରସ୍କୃତ କରାଯାଇଥିଲା ।

ଫିଫା ମହାସଚିବ ମାଟିଆସ୍ ଗ୍ରାଫଷ୍ଟ୍ରୋମ୍ କହିଛନ୍ତି, ୨୧୧ ସଦସ୍ୟ ଦେଶର ପ୍ରତିନିଧିମାନେ ଏଥିରେ ମତଦାନ କରିଥିଲେ । ପ୍ରଥମଥର ପାଇଁ ସାଉଦି ଆରବ ବିଶ୍ୱକପ୍ ଆୟୋଜନ କରିବ ଏବଂ ଦ୍ୱିତୀୟ ଥର ପାଇଁ ମଧ୍ୟପ୍ରାଚ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।